ତା ୨୩/ ୦୯ / ୨୦୨୫

**କାଉଂଟର ଦସ୍ତଖତ ପାଇଁ ବି.ଡି.ଓ. ମାନଙ୍କୁ ପାୱାର ଦେବା**

**ଅଣତାରକା ଚିହ୍ନିତ ପ୍ରଶ୍ନ ସଂଖ୍ୟା ୧୩୯୫. ଶ୍ରୀ ଅଧିରାଜ୍ ମୋହନ ପାଣିଗ୍ରାହୀ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟ ସରକାର କାଉଂଟର ଦସ୍ତଖତ ପାଇଁ ଚେୟାରମେନମାନଙ୍କ ପାଖକୁ ଯିବାର ନିତୀନିୟମ କଣ ଏବଂ କେତେ ଟଙ୍କାର କାର୍ଯ୍ୟ ହେଲେ ଚେୟାରମେନ ପାଖରେ କାଉଂଟର ଦସ୍ତଖତ ପାଇଁ ଫାଇଲ ଯାଏ, ସରକାର 10 ଲକ୍ଷ ପର୍ଯ୍ୟନ୍ତ ଫାଇଲକୁ କାଉଂଟର ଦସ୍ତଖତ ପାଇଁ ବି.ଡି.ଓ. ମାନଙ୍କୁ ପାୱାର ଦେଉଥିବା କଥା ସତ୍ୟ କି ?

**ଉତ୍ତର**

**ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ :**

ଓଡିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ, ୨୦୦୨ ର ନିୟମ-୧୬ ଅନୁଯାୟୀ ଦୁଇ ଲକ୍ଷଟଙ୍କା ତଥା ଉର୍ଦ୍ଧ୍ୱର କାମପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷ/ ଅଧ୍ୟକ୍ଷା ଙ୍କର ପ୍ରତିସ୍ୱାକ୍ଷର ଆବଶ୍ୟକତା ପଡୁଅଛି । ଦୁଇ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱର କାମ ପଞ୍ଚାୟତ ସମିତି ଅଧ୍ୟକ୍ଷ/ ଅଧ୍ୟକ୍ଷା ୭ (ସାତ) ଦିନ ମଧ୍ୟରେ ପ୍ରତିସ୍ୱାକ୍ଷର କରିବାର ଅଦ୍ୟାବଧି ବିଧି ବ୍ୟବସ୍ଥା ରହିଛି । ଇତି ମଧ୍ୟରେ, ଓଡିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ, ୨୦୦୨ ର ନିୟମ-୧୬ର ସଂଶୋଧନ କରାଯାଇ ବି.ଡି.ଓ.ଙ୍କ ବିଲ୍ ପାସ କରିବାର ଆର୍ଥିକ ସୀମା ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା (ପଞ୍ଚାୟତସମିତି ଅଧ୍ୟକ୍ଷ/ ଅଧ୍ୟକ୍ଷା ମାନଙ୍କ ପ୍ରତି-ସ୍ୱାକ୍ଷର ବିନା) ପ୍ରସ୍ତାବ କ୍ୟାବିନେଟ ବୈଠକରେ ଅନୁମୋଦିତ ହୋଇଅଛି ।